## ସଂକ୍ଷେପରେ

### ଧରାପଡିଲେ ୩ ବ୍ରାଉନସୁଗାର, କଫସିରପ ବେପାରୀ

ଅନୁଗୋଳ ଅଫିସ,୨।୧୧- ଏସ୍ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଅନୁଗୋଳ ପୋଲିସ ସ୍ପେଶାଲ ସ୍କ୍ୱାର୍ଡ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ କଫସିରପ ଓ ବ୍ରାଉନ ସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଥାନାକୁ ଉଠାଇ ଆଣିଥିବା ସୂଚନା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅନୁଗୋଳ ଥାନା ତୁରଙ୍ଗ ଛକରେ ଥିବା ଏକ ମେଡିସିନ ଷ୍ଟୋରରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ରେକ୍ସୋନ କମ୍ପାନୀର କଫସିରଫ ଜବତ କରିବା ସହ ଦୋକାନ ମାଲିକଙ୍କୁ ଥାନାକୁ ସ୍ପେଶାଲ ସ୍କ୍ୱାର୍ଡ ଉଠାଇ ଆଣିଥିଲା। ସେହିପରି ନାଲକୋ ଥାନା ଏଫ୍ସିଆଇ ଛକରେ ଏକ ପାନ ଦୋକାନରୁ ବ୍ରାଉନସୁଗାର ଜବତ କରାଯାଇ ଏହାର ମାଲିକଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିଛି। ବଣ୍ଟାଁରପାଳ ଥାନା ଗୋତମରା ଗ୍ରାମରେ ଜଣେ ଯୁବକ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଜାଣି ତାଙ୍କୁ ମଧ ପୋଲିସ ଉଠାଇ ଆଣିଛି। ଗିରଫ ହୋଇଥିବା ୩ ଜଣଙ୍କ ନିକଟରୁ ଦୁଇଟି ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଛି।

■ଖେଳପଡିଆ ପାଚେରି ନିର୍ମାଣରେ ପିସି କାରବାର ଅଭିଯୋଗ

# ପ୍ରାପ୍ୟ ପ୍ରଦାନ ପାଇଁ ଗ୍ରାମବାସୀଙ୍କ ଦାବି

ପାଲଲହଡା, ୨।୧୧(ଡି.ଏନ.ଏ.)

■ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କୁ ଅଭିଯୋଗ

■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ-ବ୍ଲକ ଅଧ୍ୟକ୍ଷ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ଡିମିରିଆ ପାଞ୍ଚାୟତ ଝିମିରିପାଲି ଖେଳପଡିଆ ପାଚେରି ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି କାମ ପାଇଁ ପଞ୍ଚାୟତ ତରଫରୁ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଆସିଥିବାବେଳେ ନିର୍ବାହୀ ଅଧିକାରୀ ପିସି କାରବାର କରିବା ସହ କାମ କରିଥିବା ଗ୍ରାମର ଯୁବକଙ୍କୁ ଏ ପର୍ଯ୍ୟନ୍ତ ପ୍ରାପ୍ୟ ଦିଆଯାଇ ନ ଥିବା ଅଭିଯୋଗ କରି ଗ୍ରାମବାସୀ ବିଧାୟକ ଓ ବ୍ଲକ ଅଧ୍ୟକ୍ଷଙ୍କଠାରେ ଫେରାଦ ହୋଇଛନ୍ତି।

ଗ୍ରାମର ସୁଜିତ ରଞ୍ଜନ ପ୍ରଧାନ, କୁନା ସାହୁ, ତ୍ରିପୁରେନ୍ଦ୍ର ସାହୁ, ଲିପୁନ ବେହେରା ପ୍ରମୁଖଙ୍କ ଅଭିଯୋଗ ମୁତାବକ, ଗତ ଜୁନରେ ପଞ୍ଚାୟତ ତରଫରୁ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ନାୟକଙ୍କ ନାମରେ ଆସିଥିଲା। ଗ୍ରାମର କିଛି ଯୁବକ ଏହି କାର୍ଯ୍ୟକୁ ହାତକୁ ନେଇଥିଲେ। କାର୍ଯ୍ୟ ସାରିବା ପରେ ନିର୍ବାହୀ ଅଧିକାରୀ ଏ ବାବଦରେ ସମସ୍ତ ଟଙ୍କା ସରକାରଙ୍କଠାରୁ ଉଠାଇଥିଲେ। ହେଲେ ବିଲ୍ ଉଠିବାର ୨ ମାସ ପରେ ନାଏକ ପ୍ରଥମ କିସ୍ତିରେ ୧ ଲକ୍ଷ ୩୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାର କିଛି ଦିନ ପରେ ଦ୍ୱିତୀୟ କିସ୍ତିରେ ୧୨ ହଜାର ଟଙ୍କା ଭାବେ ମୋଟ ୧ ଲକ୍ଷ ୪୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଅବଶିଷ୍ଟ ଟଙ୍କା ଦେବାକୁ ଗ୍ରାମର ଯୁବକମାନେ ବହୁବାର ତାଙ୍କୁ ଜଣାଇଥିଲେ ମଧ ସୁଫଳ ନ ମିଳିବାରୁ ଗତ ଅକ୍ଟୋବର ୩୦ରେ ସେମାନେ ସ୍ଥାନୀୟ ବିଧାୟକ ମୁକେଶ କୁମାର ପାଲ ଏବଂ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ ଅଭିଯୋଗକୁ ଅସ୍ୱୀକାର କରିବା ସହ କୌଣସି ପିସି କାରବାର କରି ନ ଥିବା ପ୍ରକାଶ କରିଛନ୍ତି। ଏ ନେଇ ବିଧାୟକ ମୁକେଶ କୁମାର ପାଲ କହିଛନ୍ତି, ଅଭିଯୋଗ ଆସିବା ପରେ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରାଯାଇଛି। ଏଥିସହ ଘଟଣାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ କହିଛନ୍ତି, ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଡିଓ ତ୍ରିବିକ୍ରମ କୁମୁରା କହିଛନ୍ତି, ଅଭିଯୋଗ ଆସିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## କୁଲାଡରେ ଛଟ୍ ପୂଜା



ବଣ୍ଟାଁରପାଳ,୨।୧୧(ଡି.ଏନ.ଏ.)

ନାଲ୍କୋ କୁଲାଡ଼ଠାରେ ବିହାରୀ ସମ୍ପ୍ରଦାୟର ମହିଳାପୁରୁଷମାନେ ଏକତ୍ରିତ ହୋଇ ଛଟ ପୂଜା ଆରମ୍ଭ କରିଛନ୍ତି। କୁଲାଡ଼ ପୋଖରୀ ନିକଟରେ ଏହି ପୂଜା ପାଳିତ ହୋଇଥିଲା। ସୂର୍ଯ୍ୟାସ୍ତ ସମୟରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ଏହି ପୂଜା ୩ ଦିନ ଧରି ଚାଲିବ। ବିଭିନ୍ନ ପୂଜା ସାମଗ୍ରୀ ସହ ସମସ୍ତ ଫଳମୂଳ ଅଣାଯାଇ ପୂଜା କରାଯାଇଥିଲା। ନାଲ୍କୋ କୁଲାଡ଼ ସିପିପି ଆଖପାଖ ଅଞ୍ଚଳରେ ରହୁଥିବା ବିହାର ଓ ଉତ୍ତରପ୍ରଦେଶର ବହୁ ମହିଳା ପୁରୁଷ ଶୋଭାଯାତ୍ରାରେ ପୋଖରୀ ନିକଟକୁ ଆସି ପୂଜାର୍ଚ୍ଚନା କରିଥିଲେ।

## ସାପ୍ତାହିକ କାର୍ଯ୍ୟକ୍ରମ

**୩।୧୧।୧୯**
**ଅନୁଗୋଳ**
➤ଛଟ୍ ବ୍ରତଧାରୀଙ୍କ ସୂର୍ଯ୍ୟପୂଜା
ସ୍ଥାନ: ନାରଣ ସାଗର
ସମୟ: ସକାଳ ୬ଟା।
**ବଣ୍ଟାଁରପାଳ**
➤ଛଟ୍ପୂଜା ଉଦ୍ଯାପନୀ କାର୍ଯ୍ୟକ୍ରମ
ସ୍ଥାନ: କୁଲାଡ଼
ସମୟ: ଅପରାହ୍ନ ୫ଟା।
**୪।୧୧।୧୯**
**ଢେଙ୍କାନାଳ**
➤ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
**ଅନୁଗୋଳ**
➤ମିଳିତ ଜନଶୁଣାଣି ଶିବିର
ସ୍ଥାନ: ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
➤କୃଷି ସମାଧାନ ଶିବିର
ସ୍ଥାନ: ବଡ଼ଶୁଆ ପଞ୍ଚାୟତ କାର୍ଯ୍ୟାଳୟ
ସମୟ: ଅପରାହ୍ନ ୩ଟା।
**ବଣ୍ଟାଁରପାଳ**
➤ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଶୁଭାରମ୍ଭ
ସ୍ଥାନ: ଗିରାଙ୍ଗ
ସମୟ: ପୂର୍ବାହ୍ନ ୧୦ଟା।
**୫।୧୧।୧୯**
**ବଣ୍ଟାଁରପାଳ**
➤ନେପୁର ବୈଠକ
ସ୍ଥାନ: ନେପୁ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।
**୬।୧୧।୧୯**
**ବଣ୍ଟାଁରପାଳ**
➤ନେସ୍ର ବୈଠକ
ସ୍ଥାନ: ନେସ୍ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।
**୭।୧୧।୧୯**
**ବଣ୍ଟାଁରପାଳ**
➤କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ
ସ୍ଥାନ: ଗଡ଼ସନ୍ତ୍ରୀ
ସମୟ: ପୂର୍ବାହ୍ନ ୧୦ଟା।
**୮।୧୧।୧୯**
**ଅନୁଗୋଳ**
➤ଜିଲାସ୍ତରୀୟ ଶିଶୁ ମହୋତ୍ସବ
ସ୍ଥାନ: ଅନୁଗୋଳ ହାଇସ୍କୁଲ
ସମୟ: ପୂର୍ବାହ୍ନ ୯ଟା।
➤କାର୍ତ୍ତିକ ପୂଜା ଉପଲକ୍ଷେ କଳସ ଯାତ୍ରା
ସ୍ଥାନ: ବଉଳିଗଡ଼
ସମୟ: ପୂର୍ବାହ୍ନ ୮ଟା।

# ସଂସ୍କୃତି ବଞ୍ଚାଇବାକୁ ମହୋତ୍ସବ ଜରୁରୀ



ମହୋତ୍ସବ ଉଦ୍ଘାଟନ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଅନୁଗୋଳ ଅଫିସ, ୨।୧୧

**ରାଜ୍ୟସ୍ତରୀୟ ଲୋକ ମହୋତ୍ସବ**

ଅନୁଗୋଳ ଜିଲା କଳା ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ଶନିବାର ଉଦ୍ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ କହିଲେ, ଶିଳ୍ପ ନଗରୀ ଅନୁଗୋଳରେ ଟଙ୍କାର ଅଭାବ ନାହିଁ। ଜିଲାର ବିକାଶ ପାଇଁ ଜିଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ମହଜୁଦ ଅଛି। ଏହି ଟଙ୍କାରେ ଜିଲା ସଦର ମହକୁମାରେ ଏକ କଳାକାର ସଂସ୍କୃତି ଭବନ ସହ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଅଡ଼ିଟୋରିୟମ ନିର୍ମାଣ ସହ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବିଧାୟକ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଲେ, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ଏପରି ମହୋତ୍ସବ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ଆଧୁନିକ ଯୁଗରେ କଳା ସଂସ୍କୃତିକୁ ଭୁଲି ଯାଉଥିବା ଯୁବପିଢ଼ିମାନେ କଳା ଓ ସଂସ୍କୃତିରେ ବାନ୍ଧି ହୋଇ ରହିପାରିବେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ନବଘନ ସାମଲ ଧନ୍ୟବାଦ ଦେଇଥିଲେ। ସକାଳେ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ କିଷାନ ଏହାକୁ ଉଦ୍ଘାଟନ କରିଥିଲେ। ପରେ ଷ୍ଟାଡ଼ିୟମ ନିକଟରେ ଥିବା ହାଇସ୍କୁଲ ପଡ଼ିଆରେ ଜିଲାର କୋଣ ଅନୁକୋଣରୁ ଆସିଥିବା କଳାକାରମାନେ ସଂକୀର୍ତ୍ତନ ମଣ୍ଡଳୀ, ପାଇକ ଆଖଡ଼ା, ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ସାଧାରଣ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଗୋଳର ନୃତ୍ୟ ନିଳୟ ଅନୁଷ୍ଠାନର କଳାକାରଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖରେ ଉଦ୍ଯାପିତ ହେବ।

## ଦୁର୍ନୀତିମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ

ଛେଣ୍ଡିପଦା,୨।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାମନାଳି ଗ୍ରାମର ଶ୍ରୀରାମ ଯୁଥକ୍ଲବ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବାଳକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଏସ୍ପି ମହେନ୍ଦ୍ର ବିଶ୍ୱାଳ, ଆଇନଜୀବୀ ଜତିନ୍ଦ୍ର କର, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ବିଶ୍ୱାଳ, ଅନୁଗୋଳ ଦୁର୍ନୀତି ନିବାରଣ ଡିଏସପି ପ୍ରଦୀପ କୁମାର ପ୍ରଧାନ ଓ ଇନ୍ସପେକ୍ଟର ଦଇତାରୀ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରକୁ ଦୁର୍ନୀତି ମୁକ୍ତ କରିପାରିଲେ ସମଗ୍ର ଦେଶରୁ ଦୁର୍ନୀତି ହଟିପାରିବ ବୋଲି ଅତିଥିମାନେ କହିଥିଲେ। ସଭିଏଁ ଏ ଦିଗରେ ସଚେତନ ହୋଇ ଏକ ଦୁର୍ନୀତିମୁକ୍ତ ଭାରତ ଗଠନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କ୍ଲବର ସଭାପତି ପ୍ରଭାସ ଚନ୍ଦ୍ର ଗଡନାୟକ, ସମ୍ପାଦକ ନିତ୍ୟାନନ୍ଦ ମାଝି, ସଂଯୋଜକ ସଞ୍ଜୀବ ମାଝି ଓ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

# ଶ୍ରେଷ୍ଠ ଚାଷୀ ପୁରସ୍କୃତ

କଣିହାଁ,୨।୧୧(ଡି.ଏନ.ଏ.)



ଅନୁଗୋଳ ଜିଲା କଣିହାଁ ବ୍ଲକ ବଜ୍ରକୋଟଠାରେ ଶନିବାର ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ବିଡିଓ ରମେଶ କୁମାର ଜେନା, ସରପଞ୍ଚ ରୋଜାଲିନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିଗଣ ଗୋ-ପୂଜନ ସହିତ ଗୋ-ବତ୍ସା ପ୍ରଦର୍ଶନୀକୁ ଉଦ୍ଘାଟନ କରିବାସହିତ ଗୋ-ପାଳନ ଦ୍ୱାରା କୃଷିଜୀବୀଙ୍କ ଉନ୍ନତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚିତ୍ତରଞ୍ଜନ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ବଣ୍ଟାଁରପାଳ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ତାଳଚେର ଏସଡିଭିଓ ଡ. କୁଞ୍ଜ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନୁଗୋଳ ଏସଡିଭିଓ ଡା.ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। କଣିହାଁ ପ୍ରାଣୀ ଚିକିତ୍ସାଧିକାରୀ ଡା. କମଳଲୋଚନ ଦାସଙ୍କ ସହିତ ବିଭିନ୍ନ ଉପଖଣ୍ଡ, ବ୍ଲକର ପ୍ରାଣୀ ସମ୍ପଦ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରୋଟାରି ପବ୍ଲିକ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨।୧୧

ଅନୁଗୋଳରେ ଥିବା ରୋଟାରି ପବ୍ଲିକ ସ୍କୁଲ ଠାରେ ଅନୁଗୋଳ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ଆନୁକୂଲ୍ୟରେ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. କଳିଙ୍ଗ କେଦାର କମଳାପତି କ୍ରିଷ୍ଣସଖାମୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରିଥିଲେ। ସେହିପରି ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଇଶିକା ପ୍ରଧାନ ପ୍ରଥମ, ମୋନିକାରାଜ ଶ୍ରୀବାସ୍ତବ ଦ୍ୱିତୀୟ ଓ ଅରିଜିତା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ ଗୁଞ୍ଜନ ସୁରେଖା ପ୍ରଥମ, ସିତିଶ୍ ବର୍ମା ଦ୍ୱିତୀୟ ଓ ଓମକାର ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବ୍ୟାଙ୍କର ଅନୁଗୋଳ ଶାଖା ମ୍ୟାନେଜର ଭରତ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବରେ ପୁରସ୍କୃତ କରିଥିଲେ। ଉଭୟ ବିଭାଗର ପ୍ରଭୂପାଦ ଶତପଥୀ, ଆଦିତି ପ୍ରଧାନ, ସ୍ୱୟଂଶୁଭମ ସାହୁ ଓ ଆରାଧନା ପଣ୍ଡାଙ୍କୁ ମଧ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଳୀପୂଜା ଭସାଣି ଉତ୍ସବ



ମା'ଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

ଛେଣ୍ଡିପଦା,୨।୧୧(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ପଞ୍ଚାୟତ ଚାଙ୍ଗୁଡିଆ ଓ ବାଲିପଟା ଗ୍ରାମରେ କାଳୀପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା ପ୍ରାରମ୍ଭରେ କଳସଯାତ୍ରା, ମା'ଙ୍କ ମୃଣ୍ମୟୀ ପ୍ରତିମାରେ ଜୀବନ୍ୟାସ, ପ୍ରାଣ ପ୍ରତିଷ୍ଠା, ଚକ୍ଷୁ ଦାନ ବିଧିବିଧାନ ଅନୁଯାୟୀ ସମାପନ କରାଯାଇଥିଲା। ପ୍ରତ୍ୟେକ ପୂଜା ମଣ୍ଡପରେ ତୋରଣ ସହ ଲାଇଟ ଗେଟ ଏବଂ ଆକର୍ଷଣୀୟ ଆଲୋକ ସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବାଲିପଟା ଗ୍ରାମରେ ପୁରୀର ପ୍ରସିଦ୍ଧ ନାଗା ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

## ଜେଜେ ବାପା ଜେଜେ ମା ସମ୍ମିଳନୀ

ବଇଣ୍ଡା,୨।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଧରଣୀଧର ପବ୍ଲିକ ସ୍କୁଲରେ ଶନିବାର ଜେଜେ ବାପା ଓ ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧରଣୀଧର ଆଇଟିଆଇର ଅଧ୍ୟକ୍ଷ ପ୍ରିୟରଞ୍ଜନ ସାହୁ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଜେଜେ ବାପା ଓ ଜେଜେ ମାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନବୀନ ନାୟକ, ରତ୍ନମଞ୍ଜରୀ ସାହୁ, ମମତା ବୋଷ, ଅନୁପମା ନାୟକ, ଅଜିତ ବିଶ୍ୱାଳ, ହିମାଂଶୁ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅଳକା ଦେହୁରି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ସରକାରୀ କର୍ମଚାରୀ ମାନ୍ୟତା, ବକେୟା ପ୍ରଦାନ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ପାଚିକା-ସହାୟିକା

ଅନୁଗୋଳ ଅଫିସ, ୨।୧୧




ପାଚିକା ସଂଘର ଆନ୍ଦୋଳନ।

ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକରୀ କରିବାକୁ ନିୟୋଜିତ ପାଚିକା-ସହାୟିକାମାନଙ୍କୁ ନିୟମିତ ସରକାରୀ କର୍ମଚାରୀର ମାନ୍ୟତା, ବକେୟା ପାରିଶ୍ରମିକ ପ୍ରଦାନ ଆଦି ଦାବିରେ ଶନିବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ପାଚିକା-ସହାୟିକା ଶୋଭାଯାତ୍ରାରେ ଷ୍ଟାଡିୟମରୁ ବାହାରି ବସଷ୍ଟାଣ୍ଡ ଦେଇ ବଜାର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲା ଆବାହକ ବ୍ରଜବନ୍ଧୁ ସାହୁଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ମଣ୍ଡଳି ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସଂଘ ଜିଲା ଆବାହକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ତଥା ପାଚିକା-ସହାୟିକା ସଂଘ ରାଜ୍ୟ ଆବାହକ ବିଷ୍ଣୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୬ ଦଫା ଦାବି ପୂରଣ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇୟୁଟିୟୁସି ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ଜିଲା ସଙ୍ଗଠିକା ମାନସି ସ୍ୱାଇଁ, ସରୋଜିନୀ ନାୟକ, ଛାୟା ପ୍ରଧାନ, ବୁଲି ବାରିକ, ରିତା ବେହେରା, ଶକୁନ୍ତଳା ସାହୁ, ରିତା ଦାସ, ବିଜୁଳି ବେହେରା, ଗୀତା ଦାସ, ବାଇଗଣୀ ପ୍ରଧାନ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଟାଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ସୋଗର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ



**କାମାକ୍ଷାନଗର, ୨।୧୧(ଡି.ଏନ.ଏ.):** ଗ୍ରାମୀଣ ଆବାସ ଯୋଜନାର ବିଲ୍ କରିବା ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗର ବ୍ଲକ ସୋଗର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁଶାନ୍ତି ସେଠୀ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଚିଠି ସଂଖ୍ୟା ୮୫୨ ଅନୁଯାୟୀ ପିଇଓଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଶନିବାର ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ସୋଗର ପଞ୍ଚାୟତ ପାଟଣାସାହିର ଦିବ୍ୟାଙ୍ଗ ହିମାଂଶୁ ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତାଙ୍କୁ ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। ଏ ସମ୍ପର୍କିତ ବିଲ୍ ପାଇଁ ପିଇଓ ଖୋଲାଖୋଲି ଲାଞ୍ଚ ମାଗିଥିଲେ। ହିତାଧିକାରୀ ଏବଂ ପିଇଓଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ମୋବାଇଲ ରେକର୍ଡିଂ ସାର୍ବଜନୀନ ହେବାପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ଶୁକ୍ରବାର ବିଡିଓ ଘଟଣାର ତଦନ୍ତ କରିଥିଲେ। ଏଥିସହ ଚିଠି ନଂ. ୪୧୯୩ରେ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କୁ ସୁପାରିସ କରିଥିଲେ। ନିଲମ୍ବିତ ପିଇଓଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

### ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ଢେଙ୍କାନାଳ ଅଫିସ, ୨।୧୧:** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଶନିବାର ସ୍ଥାନୀୟ ମିନି ଷ୍ଟାଡିୟମ୍ ପରିସରରେ ୩ଦିନିଆ ଯୁବ ନେତୃତ୍ୱ ଏବଂ ଗୋଷ୍ଠୀ ଉନ୍ନୟନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ପି ଅନୁପମା ଜେମ୍‌ସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଯୁବ ସମାଜ ସର୍ବଦା ଉଚ୍ଚାଭିଳାଷୀ ହେବା ଉଚିତ। ଉନ୍ନତ ଜ୍ଞାନ କୌଶଳ ହାସଲ କରିବା ସହିତ ଅନବରତ ଉଦ୍ୟମ କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ସେ ପରାମର୍ଶ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ସଂଯୋଜକ ରଞ୍ଜିଥ୍ ରେଡିମୁଲ୍ଲା, ପ୍ରଶିକ୍ଷକ ଜଗଦୀଶ ଚନ୍ଦ୍ର ମିଶ୍ର, ଶିଶିର ଶତପଥୀ ଯୋଗଦେଇ ନେତୃତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶଶାଙ୍କ ଶେଖର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିବିରରେ ଜିଲାର ୮ ବ୍ଲକରୁ ୪୦ ଜଣ ପ୍ରତିନିଧି ଯୋଗଦେଇଛନ୍ତି।

### ଦୀନେଶ ସଭାପତି, ଅସିତ ସମ୍ପାଦକ

**ଢେଙ୍କାନାଳ ଅଫିସ, ୨।୧୧** ଢେଙ୍କାନାଳ ଟ୍ରକ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅକ୍ଟୋବର ୩୦ରେ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୯-୨୦ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଦୀନେଶ ପ୍ରଧାନ, ସମ୍ପାଦକ ଅସିତ ରଥ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଷଣ୍ଢ, ଉପସଭାପତି ଅଜିତ ପ୍ରଧାନ, ବିଷ୍ଣୁ ପ୍ରସାଦ ମଲ୍ଲିକ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ରାଉତ, ବିରଞ୍ଚି ସାହୁ, ଦିଲୀପ ମିଶ୍ର, କୋଷାଧ୍ୟକ୍ଷ ଅଶୋକ ବେହେରା, କାର୍ଯ୍ୟକାରିଣୀ ସଭ୍ୟ ଭାବେ ଦୀପକ ମିଶ୍ର, ରାଜକିଶୋର ସାହୁ, ନିରାକାର ପୃଷ୍ଟି, ମନମୋହନ ସାହୁ, ସଞ୍ଜୟ ବେହେରା, ରଞ୍ଜନ ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ବ୍ରହ୍ମାନନ୍ଦ ମଲ୍ଲିକଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ରାସୋଳ, ୨।୧୧(ଡି.ଏନ.ଏ.):** ରାସୋଳ ଥାନା ବିନ୍ଧୋରୀ ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ଚନ୍ଦ୍ରା ଦେହୁରୀଙ୍କୁ ଗିରଫ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ୩ଜଣ ଯୁବକ ମହିଳାଙ୍କ କବାଟ ବାଡେଇଥିଲେ। କବାଟ ଖୋଲିବା ପରେ ସେମାନେ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଶନିବାର ନଂ. ୧୨୭/୧୯ରେ ମାମଲା ରୁଜୁ ହୋଇଛି। ଅନ୍ୟ ୨ ଜଣ ଫେରାର ଥିବା ପୋଲିସ କହିଛି।

---

**■ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧ ଜାରି**

# ପୁଣି ଛାତ୍ରୀଛାତ୍ରଙ୍କ ଧାରଣା

**■ହସ୍ତକ୍ଷେପ କଲେ ବିଧାୟକ**

**■ସୋମବାର ମନ୍ତ୍ରୀଙ୍କ ସହ ଆଲୋଚନା**

**ଢେଙ୍କାନାଳ ଅଫିସ, ୨।୧୧**

ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତି ପ୍ରତିବାଦରେ ଢେଙ୍କାନାଳ ମହାବିଦ୍ୟାଳୟରେ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି। ଧୀରେ ଧୀରେ ଏଥିରେ ଯୋଡ଼ି ହେଉଛନ୍ତି ବିଭିନ୍ନ ରାଜନୈତିକ ସଙ୍ଗଠନ। ପ୍ରଶାସନକୁ ୨୪ ଘଣ୍ଟା ମହଲତ ଦେବାପରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ ନ କରିବାକୁ ଶନିବାର ପୁଣିଥରେ ରାସ୍ତାକୁ ଓହ୍ଲାଇଥିଲେ ଛାତ୍ରୀଛାତ୍ର। ପିଲାମାନେ ଟାୟାର ଜଳାଇ ରାସ୍ତା ଅବରୋଧ କରିବା ସହ ନାରାବାଜି କରିଥିଲେ। ସୂଚନା ପାଇ ବିଧାୟକ ସୁଧୀର କୁମାର ସାମଲ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ସୋମବାର ଭୁବନେଶ୍ୱରରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହିତ ଏ ନେଇ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି।

ଢେଙ୍କାନାଳ କଲେଜରୁ ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର ନେଇ ୟୁଜିସି ପକ୍ଷରୁ ଚିଠି ଆସିଛି। ଏହି ପ୍ରସଙ୍ଗକୁ ନେଇ ଛାତ୍ରୀଛାତ୍ରମାନେ ଶୁକ୍ରବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ସମ୍ପର୍କିତ



ବିଧାୟକ ସୁଧୀର କୁମାର ସାମଲ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ବିଧିବଦ୍ଧ ଭାବେ ନିଷ୍ପତ୍ତି ନେବାକୁ ସେମାନେ ପ୍ରଶାସନକୁ ୨୪ ଘଣ୍ଟା ସମୟ ଦେଇଥିଲେ। ହେଲେ ଶନିବାର ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏହାର ପ୍ରତିବାଦରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହାର କିଛି ସମୟ ପରେ ଫାଟକ ବାହାରକୁ ଆସି ମୁଖ୍ୟ ରାସ୍ତାକୁ ଅଢେଇ ଘଣ୍ଟା ଧରି ଅବରୋଧ କରି ରଖିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ସୂଚନା ପାଇ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସଦଳବଳ ପହଞ୍ଚିଥିଲେ। ସେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଲେଖାଯାଇଥିବା ପତ୍ରର ନକଲ ଦେଖାଇଥିଲେ। ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଥିଲେ। ଆନ୍ଦୋଳନ ତୀବ୍ର ହେଉଥିବାରୁ ଜିଲା ଜରୁରୀ ଓ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ମଧ୍ୟାହ୍ନ ୧୨ଟା ୪୦ରେ ବିଧାୟକ ସାମଲ, ତାଙ୍କ ପ୍ରତିନିଧି ଦେବାଶିଷ ମିଶ୍ରଙ୍କ ସମେତ ବିଜେଡି ଛାତ୍ର ସଙ୍ଗଠନର ନେତୃବୃନ୍ଦ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ସୋମବାର ଛାତ୍ରୀଛାତ୍ରଙ୍କ ପ୍ରତିନିଧି ଦଳ, କଲେଜ ଅଧ୍ୟକ୍ଷା ଭୁବନେଶ୍ୱରରେ ବିଧାୟକଙ୍କ ଉପସ୍ଥିତିରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଆନ୍ଦୋଳନକୁ ସୋମବାର ଯାଏ ସ୍ଥଗିତ ରଖାଯାଇଛି।

ଏ ନେଇ ବିଧାୟକ କୁହନ୍ତି, ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ଦୁଃଖର ବିଷୟ। ଏଥିରେ ଆମ ସମସ୍ତଙ୍କ ସମ୍ମାନହାନି ହୋଇଛି ବୋଲି ଭାବିବାକୁ ପଡିବ। କିଭଳି ଭାବେ କଲେଜ ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବ ସେ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ।

---

**■ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ**

## ‘ପ୍ରାଣୀ ସମ୍ପଦର ବିକାଶ ହେଲେ ଆର୍ଥିକ ଅଭିବୃଦ୍ଧି ହେବ’




**କାମାକ୍ଷାନଗର, ୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଳୟ କାର୍ଯ୍ୟାଳୟରେ ଶନିବାର ୬୮ତମ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ପ୍ରାଣୀ ସମ୍ପଦର ବୃଦ୍ଧି ହେଲେ ସାଧାରଣଙ୍କ ଆର୍ଥିକ ଅଭିବୃଦ୍ଧି ହେବ। କେବଳ ଗୋସମ୍ପଦ ନୁହେଁ, ଗୃହପାଳିତ ପ୍ରାଣୀ ଯଥା, କୁକୁଡ଼ା, ବତକ ଚାଷ କରିବା ଦ୍ୱାରା ପରିବାରର ଆର୍ଥିକ ମାନଦଣ୍ଡ ବଢ଼ିବ।

ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୋ-ପାଳନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ତାଲିମ କେନ୍ଦ୍ରର ବାଳକୃଷ୍ଣ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଉଥିବାବେଳେ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ବିଭାଗର ସଫଳତା ସମ୍ପର୍କରେ ବିବରଣୀ ପାଠ କରିଥିଲେ। ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ବିରଞ୍ଚି ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଗୋ-ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟବାନ ଗୋରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଣୀ ଚିକିତ୍ସକ ସତ୍ୟବିକ୍ରମ ତରାଇ, ବିଶ୍ୱଭୂଷଣ ସେନାପତି, ଅମରେନ୍ଦ୍ର ପଟ୍ଟନାୟକ, ସୌମ୍ୟରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଉପସ୍ଥିତ ଥିଲେ।

---

**■ବଣିକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଘାଟିତ**

## ସମ୍ବର୍ଦ୍ଧିତ ହେଲେ ସଂକୀର୍ତ୍ତନ ଗୁରୁ, ଚିତ୍ରଶିଳ୍ପୀ



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଭୁବନ, ୨।୧୧(ଡି.ଏନ.ଏ)**

ଭୁବନ କାଳୀବଜାର ବଣିକ ସଂଘର ୪୦ତମ ବାର୍ଷିକ ଉତ୍ସବ ସମାରୋହ ଶନିବାରଠାରୁ ଆରମ୍ଭ ହୋଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ସମୀର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ସୁପ୍ରତିଷ୍ଠ ସଂକୀର୍ତ୍ତନ ଗୁରୁ ପଣ୍ଡିତ ବେହେରା ଏବଂ ଚିତ୍ରଶିଳ୍ପୀ ଜ୍ୟୋତିଷ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଦିବ୍ୟାଙ୍ଗ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଭଜନ ଲୋକଙ୍କ କରତାଳି ସାଉଁଟିଥିଲା। ସେହିପରି ଅଞ୍ଚଳର କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାକୁ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ସମ୍ପାଦକ ସରୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିନୋଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ କାଳିନ୍ଦୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ବାବନ ପୃଷ୍ଟି, ଦୀପକ ସାହୁ, ଜ୍ଞାନରଞ୍ଜନ ସାହୁ, ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ ହୋଇଥିଲେ।

---

**ଜାଲ୍ ସାର୍ଟିଫିକେଟରେ ଚାକିରି**

## ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅର୍ଥ ପରାମର୍ଶଦାତା ବହିଷ୍କୃତ

**ଢେଙ୍କାନାଳ ଅଫିସ, ୨।୧୧**

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି ଢେଙ୍କାନାଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅର୍ଥ ପରାମର୍ଶଦାତା ସନ୍ତୋଷ କୁମାର ମହାରଣା। ରାଜ୍ୟ ଓପେପା କାର୍ଯ୍ୟାଳୟରୁ ଏହି ନିର୍ଦ୍ଦେଶ ଆସିଛି। ସନ୍ତୋଷଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଡିଇଓ ସୁଧାନନ୍ଦ ପରିଡ଼ା ଶନିବାର ସ୍ପଷ୍ଟ କରିଛନ୍ତି। ସନ୍ତୋଷ ଜାଲ୍ ସାର୍ଟିଫିକେଟ ପ୍ରଦାନ କରି ଦୀର୍ଘଦିନ ହେଲା ଚାକିରି କରୁଥିଲେ। ଗତ ସେପ୍ଟେମ୍ବରରେ ଏହା ଧରାପଡ଼ିଥିଲା। ଏହାପରେ ଓପେପା ପକ୍ଷରୁ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ସନ୍ତୋଷଙ୍କ ନାମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ରହିଥିବା ତାଙ୍କ ଯୁଗ୍ମ ଆକାଉଣ୍ଟରୁ ହଟାଯାଇଥିଲା। ସୂଚନାଯୋଗ୍ୟ, ସନ୍ତୋଷ ଚାକିରି ସମୟରେ ଜାଲ୍ ମାଟ୍ରିକ୍ ଏବଂ ବାଣିଜ୍ୟ ପାସ୍ ସାର୍ଟିଫିକେଟ ଦାଖଲ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ଜଣେ ବ୍ୟକ୍ତି ଏହା ଜାଣିପାରିଥିଲେ। ଏ ନେଇ ସେ ଓପେପା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଥିଲା।

---

## ଶ୍ରଦ୍ଧାଶ୍ରୀ ପ୍ୟାଲେସ୍ ଉଦ୍‌ଘାଟିତ



**ଢେଙ୍କାନାଳ ଅଫିସ, ୨।୧୧**

ଢେଙ୍କାନାଳ ସହରସ୍ଥିତ ଗୁଡିଆନାଳୀ ନୂଆପୋଖରୀ ମଙ୍ଗଳାମନ୍ଦିର ସମ୍ମୁଖରେ ଶନିବାର ଅତ୍ୟାଧୁନିକ ବିବାହ ମଣ୍ଡପ ଶ୍ରଦ୍ଧାଶ୍ରୀ ପ୍ୟାଲେସ୍ ଉଦ୍‌ଘାଟିତ ହୋଇଛି। କଲ୍ୟାଣ ମଣ୍ଡପର ସ୍ୱତ୍ୱାଧିକାରୀ ହେଉଛନ୍ତି ସୌମ୍ୟରଞ୍ଜନ ପାଢ଼ୀ। ସୌମ୍ୟରଞ୍ଜନଙ୍କ ବାପା ଜିଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ତଥା ଓଡ଼ିଶା ବ୍ୟବସାୟିକ ପ୍ରତିଷ୍ଠାନର ଉପସଭାପତି ଶରତ ଚନ୍ଦ୍ର ପାଢ଼ୀ, ମା’ ସ୍ତ୍ରୀ ଶାରଳା କୁମାରୀ ପାଢ଼ୀ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ସହରର ପ୍ରଥମ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ କଲ୍ୟାଣମଣ୍ଡପ। ୧୬,୫୦୦ ବର୍ଗଫୁଟ ପରିମିତ ଜମିରେ ଏହା ନିର୍ମିତ। ଉଦ୍‌ଘାଟନୀ ସମାରୋହରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ହିନ୍ଦୋଳ ଚିକିତ୍ସାଳୟରେ ୪ ନୂଆ ଡାକ୍ତର

**ହିନ୍ଦୋଳ, ୨।୧୧(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଗତ ବୁଧବାର ୪ଜଣ ନୂତନ ଡାକ୍ତର ନିଯୁକ୍ତି ପାଇଛନ୍ତି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଏହାକୁ ନେଇ ସାଧାରଣରେ ଖୁସିର ଲହରି ଖେଳିଯାଇଛି। ବିଧାୟିକା ସୀମାରାଣୀ ନାୟକ, ସିଡିଏମ୍‌ଓ ନିରଞ୍ଜନ ମିଶ୍ରଙ୍କ ପ୍ରଚେଷ୍ଟାରୁ ଏହା ହୋଇପାରିଛି। ଏଥିଲାଗି ଉଭୟଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଉପଖଣ୍ଡ ଚିକିତ୍ସାଳୟରେ ମୋଟ ୧୩ ଜଣ ଡାକ୍ତର ରହିବା କଥା। କିନ୍ତୁ ମାତ୍ର ୪ଜଣ ଡାକ୍ତର ଏଠାରେ ନିଯୁକ୍ତି ପାଇଥିଲେ। ଡାକ୍ତର ଅଭାବ ଯୋଗୁ ରୋଗୀସେବା ପ୍ରଭାବିତ ହେଉଥିଲା। ୪ଜଣ ଡାକ୍ତର ନିଯୁକ୍ତି ପାଇବା ପରେ ଏହି ସଂଖ୍ୟା ୮ରେ ପହଞ୍ଚିଛି। ଏହାପରେ ଲକ୍ଷ୍ୟଚ୍ୟୁତ ହୋଇଥିବା ସ୍ୱାସ୍ଥ୍ୟସେବାକୁ ନୂଆ ରାହା ମିଳିଛି।

---

**■ଏନ୍‌ଏସ୍‌ଏସ୍ ପକ୍ଷରୁ ଦୁର୍ନୀତି ନିବାରଣ**

## ‘ଏବେଠୁ ସଚେତନ ହୁଅ’




**ଢେଙ୍କାନାଳ ଅଫିସ, ୨।୧୧**

ଦୁର୍ନୀତି ରାକ୍ଷସ ଏବେ ସଭ୍ୟ ସମାଜକୁ କବଳିତ କରିଛି। ମଣିଷ ଭଲମନ୍ଦ ବିଚାର କରିବା କ୍ଷମତା ହରାଇସାରିଲାଣି। ନିଜ ଦୋଷ ଲୁଚାଇବାକୁ ହେଉ ଅବା ସୁରୁଖୁରୁରେ କାମ ହାସଲ କରିବାରୁ ହାତଗୁଞ୍ଜା ଦିଆଯାଉଛି। ଏହା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ନୁହେଁ। ଯୁବପିଢ଼ି ଏଥିପ୍ରତି ଏବେଠୁ ସଚେତନ ନ ହେଲେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବ। ଛାତ୍ରୀଛାତ୍ରମାନେ ସଚେତନ ନାଗରିକ ଭାବେ ଦୁର୍ନୀତି ନିବାରଣ ଦିଗରେ ଉଦ୍ୟମ କଲେ ଦେଶ ଗୌରବାନ୍ୱିତ ହୋଇପାରିବ ବୋଲି କହିଛନ୍ତି ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ବେହେରା। ଢେଙ୍କାନାଳ କଲେଜର ଏମ୍.ଏସ୍. ସ୍ୱାମୀନାଥନ୍ ସେମିନାର ହଲ୍‌ରେ ଶୁକ୍ରବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ବକ୍ତବ୍ୟ ରଖିଥିଲେ।

କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଆଶୁତୋଷ ତ୍ରିପାଠୀ, ସହଯୋଗୀ ପ୍ରଫେସର ଡ. ପ୍ରଦୀପ କୁମାର ନନ୍ଦୀ, ପ୍ରଫେସର ଅନିରୁଦ୍ଧ କୁମାର ଖିଲାର, ଶୁଭସ୍ମିତା ଖୁଣ୍ଟିଆ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା ଉପସ୍ଥିତ ରହି ଦୁର୍ନୀତି ହଟାଇ ଶ୍ରେଷ୍ଠ ଭାରତ ଗଠନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଇଣ୍ଟିଗ୍ରିଟି କ୍ଲବ ଗଠିତ ହୋଇଛି। ଏଥିପୂର୍ବରୁ ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ ଅନୁଷ୍ଠିତ ହୋଇଥିଲା। ଭିଜିଲାନ୍ସ ଇନ୍ସପେକ୍ଟର ସୁଶାନ୍ତ ମିଶ୍ର, ଅଧିକାରୀ ବିଭୂତି ଭୂଷଣ ବେହେରା, ଅତିଥି ଅଧ୍ୟାପକ ସଙ୍ଗୀତ କୁମାର ନନ୍ଦ, ସ୍ୱେଚ୍ଛାସେବୀ ଆଶୀର୍ବାଦ ମହାନ୍ତି, ଦାମୋଦର ଦାସ, ଚିନ୍ମୟ ବାରିକ, ଶିବସୁନ୍ଦର ସେଠୀ, ଅରୂପ ପଣ୍ଡା, ସୌମ୍ୟା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

> ଆଜି କ’ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ରାଜବାଟୀ ବୁଲିଲେ ବିଦେଶୀ ପର୍ଯ୍ୟଟକ

**ଢେଙ୍କାନାଳ ଅଫିସ, ୨।୧୧**

ଢେଙ୍କାନାଳ ଇତିହାସର ଅନ୍ୟତମ ସ୍ମାରକୀ ଭାବେ ପରିଚିତ ରାଜବାଟୀ ବୁଲି ଦେଖିଛନ୍ତି ବିଦେଶୀ ପର୍ଯ୍ୟଟକ। ଏହି ଅବସରରେ ସେମାନେ ରାଜ ପରିବାର ସଦସ୍ୟଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ଭାଇଚାରା ସୃଷ୍ଟି କରିବା, ସୁଖଶାନ୍ତିରେ ଜୀବନ ଅତିବାହିତ କରିବା ବାର୍ତ୍ତା ନେଇ କଲିକତାରୁ ୨୨ଜଣ ବିଦେଶୀ ପର୍ଯ୍ୟଟକ ୨୨ଟି ରୟାଲ ଏନ୍‌ଫିଲ୍ଡ-୫୦୦ ସିସି ବାଇକ୍‌ରେ ପରିଭ୍ରମଣରେ ବାହାରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡରୁ ୧୬ ଜଣ ଏବଂ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ କାନାଡାରୁ ୨ଜଣ ଲେଖାଏ ଅଛନ୍ତି। ସେମାନେ କଲିକତାରୁ ବାହାରି କୋଣାର୍କରେ ପହଞ୍ଚିଥିଲେ। ସେଠାରୁ ୩୧ ତାରିଖରେ ଢେଙ୍କାନାଳରେ ପହଞ୍ଚି ରାଜବାଟୀରେ ରାତ୍ରିଯାପନ କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂଦେଓ ସେମାନଙ୍କୁ ସ୍ୱାଗତ କରିଥିଲେ। ଶୁକ୍ରବାର ପର୍ଯ୍ୟଟକ ଦଳ ରମ୍ଭା, ବାଙ୍ଗିରିପଶି ପରିଦର୍ଶନ କରି କଲିକତା ଅଭିମୁଖେ ବାହୁଡ଼ିଛନ୍ତି।

---

**■ବନ୍ଧ୍ୟାକରଣ ଅସ୍ତ୍ରୋପଚାରରେ ତ୍ରୁଟି**

## ମହିଳା ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

**■ଗୋଟିଏ ଷ୍ଟିଚ୍ ପକାଇ ଛାଡ଼ିଦେଲେ**

**■ଡାକ୍ତରଙ୍କ ଅବହେଳାକୁ ଦାୟୀ କଲେ ପରିବାର ଲୋକେ**



**ପରଜଙ୍ଗ, ୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ବନ୍ଧ୍ୟାକରଣ ଅସ୍ତ୍ରୋପଚାରରେ ଗୁରୁତର ତ୍ରୁଟି ହୋଇଛି। ଦୁଇଟି ପରବର୍ତ୍ତେ ଗୋଟିଏ ଷ୍ଟିଚ୍ କରାଯାଇଥିବାରୁ ରକ୍ତସ୍ରାବ ହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଆଖୁଆପାଳ ପଞ୍ଚାୟତ ମୋହନପଶି ଗ୍ରାମର ଲାଲମୋହନ ମୁଣ୍ଡାଙ୍କ ସ୍ତ୍ରୀ ତୁଳସୀ। ତାଙ୍କୁ ଚିକିତ୍ସା ପାଇଁ ତାଳଚେର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ଅବହେଳାରୁ ଏପରି ତ୍ରୁଟି ହୋଇଥିବା ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଲାପାରୋସ୍କୋପି ସହାୟତାରେ ସାମୂହିକ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ଡାକ୍ତର ଦୀପକ ଦେହୁରୀ ୩୦ଜଣ ମହିଳାଙ୍କ ଅସ୍ତ୍ରୋପଚାର କରିଥିଲେ। ଏହାପରେ ଡାକ୍ତରଖାନା ପକ୍ଷରୁ ଗାଡ଼ିରେ ସମସ୍ତଙ୍କୁ ଘରେ ଛଡ଼ାଯାଇଥିଲା। ତେବେ ଘରେ ପହଞ୍ଚିବା ପରେ ତୁଳସୀଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହାପରେ ତାଙ୍କୁ ପୁଣି ଥରେ ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ଅଜୟ ନାୟକ ତାଙ୍କର ପରୀକ୍ଷା କରିଥିଲେ। ତାଙ୍କ ପେଟରେ ୨ଟି ବଦଳରେ ଗୋଟିଏ ଷ୍ଟିଚ୍ ପଡ଼ିଥିବା କାରଣରୁ ରକ୍ତସ୍ରାବ ହେଉଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ତାଳଚେର ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରାଯାଇଛି। ଏ ନେଇ ଡାକ୍ତର ଅଜୟ କୁହନ୍ତି, ଡାକ୍ତରଖାନାରେ ଷ୍ଟିଚ୍ ପକାଇବା ରିସ୍କ ଥିବାରୁ ମହିଳାଙ୍କୁ ତାଳଚେର ରେଫର କରିଦିଆଯାଇଛି। ଡାକ୍ତର ଦୀପକ ଦେହୁରୀ ମହିଳାଙ୍କ ଅପରେଶନ କରିଥିବା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତା ସ୍ୱାଇଁ ସୂଚନା ଦେଇଛନ୍ତି। ଡାକ୍ତର ଦୀପକଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ